## ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି

ସୋର, (ଜନ୍ମେଜୟ ମିଶ୍ର): ସୋର ପୌରପାଳିକା ଅଧୀନ ରାଉତରାପୁର ଗ୍ରାମରେ ବୁଧବାର ମାନସ କୁମାର ଦାସଙ୍କ ପରିବାର ଲୋକେ ଉପର ତାଲାରେ ରହୁଥିବା ବେଳେ ତଳ ଘରୁ ଚୋରମାନେ ନଗଦ ଟଙ୍କା ସହ ସୁନାଗହଣା ଚୋରି କରିନେଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଘରେ ପଶି ଆଲମିରା ଭାଙ୍ଗି ନଗଦ ୩୦ ହଜାର ଟଙ୍କା ସହିତ ପ୍ରାୟ ୩ ଲକ୍ଷ ଟଙ୍କାର ସୁନା, ରୁପାଗହଣା ଓ ଗାଡି ଚାବି ଚୋରି କରିନେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।





# କାମ ନ ସରୁଣୁ ଧସିଲା ପାଣିଟାଙ୍କି, ଗ୍ରାମରେ ଅସନ୍ତୋଷ

## ମେଗା ପାନୀୟ ଜଳ ପ୍ରକଳ୍ପ

ଖଇରା, ୧୯।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ଜୋନରେ ପାନୀୟଜଳ ସମସ୍ୟା ଦୂର ପାଇଁ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭରୁ ବିବାଦୀୟ ହୋଇପଡିଥିବା ବେଳେ ଏବେ ଗୋଟିଏ ପରେ ଗୋଟିଏ ଅନିୟମିତତା ଲୋକଲୋଚନକୁ ଆସିବାରେ ଲାଗିଛି। ପ୍ରଥମେ ନିମ୍ନମାନର ପାଇପ ବ୍ୟବହାର, ତା'ପରେ ଗାଁ ମଝିରେ ଥିବା କଂକ୍ରିଟ ରାସ୍ତାକୁ ଖୋଳି ଛାଡି ଦିଆଯିବା ପରେ ଏବେ ରଟିଣା ମୁଦୁଲି ସାହିରେ ପାଣିଟାଙ୍କି କାମ ସରୁଣୁ ଭାଙ୍ଗି ତଳକୁ ଖସିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଆରମ୍ଭରୁ ସମସ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରି କାମରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତିକୁ ଲୋକଲୋଚନକୁ ଆଣିବାକୁ ରଟିଣା ସମେତ ହରିପୁର, ବାଉଁଶଗଡିଆ, କୁପାରୀ, ଗଡପୋଖରୀ, କଇଥଗଡିଆ ଓ ବର୍ତ୍ତନା ପଞ୍ଚାୟତବାସୀ ଦାବି କରିଛନ୍ତି । ଉପରୋକ୍ତ ପଞ୍ଚାୟତଗୁଡିକ ପାହାଡିଆ ଅଞ୍ଚଳରେ ମଧ୍ୟରେ ଆସୁଥିବାରୁ ଗ୍ରୀଷ୍ମଋତୁରେ ଜଳସ୍ତର ବହୁ ନିମ୍ନକୁ ଚାଲିଯାଇଥାଏ । ଯେଉଁଥିପାଇଁ ନଳକୂପରୁ ପାଣି ସଂଗ୍ରହ କଷ୍ଟ ହୋଇପଡିଥାଏ। ଏଭଳି ସମସ୍ୟାରୁ ମୁକୁଳିବାକୁ ୫ବର୍ଷ ତଳେ ତତ୍କାଳୀନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲା । ଏଥିପାଇଁ ପାଖାପାଖି ୮୫କୋଟି ଟଙ୍କା ମଞ୍ଜୁରୀ ମିଳିଥିଲା । ଏବେ ପ୍ରକଳ୍ପ ଆରମ୍ଭକୁ ୨ବର୍ଷ ବିତିବାକୁ ବସିଥିବା ବେଳେ ୬୦ଭାଗ କାମ ବି ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେପଟେ କାମରେ ସ୍ୱଚ୍ଛତା ଅଭାବରୁ ବିଭିନ୍ନ ସମୟରେ ଠିକାଦାରଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ବିରୋଧର ସମ୍ମୁଖୀନ ହେବାକୁ ପଡୁଛି। ନଭେମ୍ବରରେ ଅନୁଷ୍ଠିତ ହୋଇଯାଇଥିବା ପଞ୍ଚାୟତ ସମିତିର ୧୦ମ ଅଧିବେଶନରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ମେଗା ପ୍ରକଳ୍ପ କାର୍ଯ୍ୟ ଉପରେ ଆଲୋଚନା ରଖି ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଏହା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ନଭେମ୍ବର ୩୦ତାରିଖରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଠିକାଦାରଙ୍କୁ ଯଥାଶୀଘ୍ର ଶେଷ କରିବାକୁ କହିଥିଲେ। ହେଲେ ନିର୍ଦ୍ଧାରିତ ସମୟସୀମା ଶେଷ ପରେ ମଧ୍ୟ କାମ ଏବେ କଚ୍ଛପ ଗତିରେ ଚାଲିଛି ତାହା ପୁଣି ଏଷ୍ଟିମେଟ ଅନୁଯାୟୀ ହେଉନାହିଁ ବୋଲି ରଟିଣା ସରପଞ୍ଚ ବାସନ୍ତୀଲତା ମହାନ୍ତି ଓ ଗ୍ରାମର ଉଦୟନାଥ ସାହୁ, ଭାସ୍କର ଦାସ ଓ ସନାତନ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସଞ୍ଜୁକ୍ତା ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରେ ସେ ଅଭିଯୋଗର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।



ପାଣିଟାଙ୍କିର ଏକ ପାର୍ଶ୍ୱ ଭାଙ୍ଗି ପଡିଛି।

# ରମାକାନ୍ତ ରଥ ସାହିତ୍ୟ ଜଗତର ବତିଘର ସଦୃଶ



ଶ୍ରଦ୍ଧାଞ୍ଜଳି ସଭାରେ କବି ଓ ସାହିତ୍ୟିକ।

## 'ଭଲ କବିତାର ଖୋଜ୍' ଆସରରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୧୯।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରସ୍ଥିତ ଏପିସିଏଲ୍ ପ୍ରେକ୍ଷାଳୟରେ 'ଭଲ କବିତାର ଖୋଜ୍'ର ସନ୍ଧ୍ୟା ଆସର ଅବସରରେ ମଙ୍ଗଳବାର ଭାରତୀୟ କାବ୍ୟକାର ଯଶସ୍ୱୀ ସ୍ରଷ୍ଟା ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କବି ଶ୍ରୀଦେବ ସଭାରେ ପୌରୋହିତ୍ୟ କରିଥିଲେ। କବି ଉତ୍ପଳ ମହାନ୍ତି କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ।

ବାଲେଶ୍ୱରର କବିତାନୁପ୍ରେରିତ ୨୦ରୁ ଊର୍ଦ୍ଧ୍ୱ କବି ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗଭୀର ଅନୁରାଗ ଅର୍ପଣ କରିବା ସହ ରମାକାନ୍ତଙ୍କ ସ୍ମୃତି ସମ୍ପର୍କରେ ଆଲୋକପାତ କରିଥିଲେ। କବି ରମାକାନ୍ତ ତାଙ୍କ କବିତାରେ ଶବ୍ଦର ଯାଦୁକରୀ ସ୍ପର୍ଶ ଦ୍ୱାରା ପାଠିକାପାଠକଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଯଶସ୍ୱୀ କବି ରମାକାନ୍ତ ରଥ ଏକ ବତୀଘର ସଦୃଶ। ଯାହାଙ୍କ କବିତା କବିବନ୍ଧୁଙ୍କୁ ମାର୍ଗଦର୍ଶନରେ ସହାୟ ହେବା ସହିତ ପାଠିକାପାଠକଙ୍କୁ କବିତାର ନୂଆ ସକାଳର ସ୍ୱପ୍ନ ଦେଖାଇଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଛି। କବି ବିମଳ ଜେନା, କବି ଅଭୟ ଦାସ, କବି ସୀତାଂଶୁ ଲେଙ୍କା, କବି ରଞ୍ଜନ ବାଗ, ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, କବି ସତ୍ୟଶିବ ସୁନ୍ଦର ଦାସ, ସାମାଜିକ କର୍ମୀ ଗୋପାମୁଦ୍ରା ମହାପାତ୍ର, ଡ. ସୁବାସ ଚନ୍ଦ୍ର ପାତ୍ର, କବି ଶୁଭେନ୍ଦୁ ଦାସ, କବି ପ୍ରଶାନ୍ତ ଦାସ, ଡ. ସନ୍ତୋଷ କୁମାର ନାୟକ, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ରମାକାନ୍ତ ନାୟକ, ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, କବି ସତ୍ୟ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବି ଓ ଗାଳ୍ପିକ ସଞ୍ଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। 'ଭଲ କବିତାର ଖୋଜ୍'ର ଅନ୍ୟତମ ପ୍ରତିଷ୍ଠାତା ଗାଳ୍ପିକ କୃଷ୍ଣ କୁମାର ମହାନ୍ତିଙ୍କ ବାର୍ତ୍ତା ପାଠ କରାଯାଇଥିଲା।

# ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବ ଉଦ୍‌ଘାଟିତ

କାଳିପଦା, ୧୯।୩(ରାଜଶ୍ରୀ ପାଣିଗ୍ରାହୀ)

ଗୋପାଳଙ୍କ ଲଉଡ଼ି ଓ ଓଗାଳ ଖେଳ ଏବେ ଲୋପ ପାଇବାକୁ ବସିଛି। ଏହାର ପୁନରୁଦ୍ଧାର ସଂସ୍କୃତିର ସୁରକ୍ଷା ବୋଲି ମଙ୍ଗଳବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ବାସୁଦେବପୁର ମେଲଣ ପଡ଼ିଆରେ ଅନୁଷ୍ଠିତ ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ସରପଞ୍ଚ ଅଜୟ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବାଲିଆପାଳ ଇତିହାସ ଲେଖକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ମୁଖ୍ୟଅତିଥି, ପୂର୍ବତନ ଜିଲା ଶିକ୍ଷାଧିକାରୀ ତଥା ବିଶିଷ୍ଟ ସାରସ୍ୱତ ସାଧକ ସୁବାସ ଚନ୍ଦ୍ର ଚୌଧୁରୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଭଜନ ଗାୟକ ତଥା ଗୀତିକାର ରାମାନାଥ କର, ଗାଁ ମାଲିକ କମଳାକାନ୍ତ ବାରିକ, ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ଲଉଡ଼ି ଓ ଓଗାଳ ଖେଳର ମୁଖ୍ୟ ପରିଚାଳକ ବସନ୍ତ କୁମାର ବାରିକ, କମିଟିର ବରିଷ୍ଠ ସଭ୍ୟ ଶ୍ରୀକାନ୍ତ କୁମାର ନାଥ, ସାମ୍ବାଦିକ ତଥା କମିଟି ସଭ୍ୟ ଗୋପାଳ କୃଷ୍ଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଆଇନ୍‌ଜୀବୀ ତଥା କମିଟି ସଭ୍ୟ ଅର୍ଦ୍ଧେନ୍ଦୁ କୁମାର ବାରିକ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ଚନ୍ଦନ ବାରିକ, ସୁଶାନ୍ତ କୁମାର ବାରିକ, ଶ୍ୟାମସୁନ୍ଦର ଷଣ୍ଢ, ଟିଙ୍କିନା ଷଣ୍ଢ, ସିଦ୍ଧେଶ୍ୱର ବାରିକ, ମାନଗୋବିନ୍ଦ ବାରିକ ଓ ପଦ୍ମଲୋଚନ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସୀମା ସମସ୍ୟାର ସ୍ଥାୟୀ ସମାଧାନ ଚିନ୍ତା

## ବିଧାନସଭାରେ ପ୍ରଶ୍ନ ରଖିଲେ ଗୌତମ ବୁଦ୍ଧ

ଭୋଗରାଇ, ୧୯।୩(ପ୍ରଦୀପ ଦାସ)

ଓଡ଼ିଶାର କୋଟିଆ ଭଳି ବାଲେଶ୍ୱର ଜିଲା ସୀମାନ୍ତ ଗାଁରେ ମଧ ସୀମା ସମସ୍ୟା ବିଗିଡିବାରେ ଲାଗିଛି। ଦୀର୍ଘ ଦଶନ୍ଧି ଧରି ଭୋଗରାଇ ଓ ଜଳେଶ୍ୱର ବ୍ଲକ ସୀମାନ୍ତ ୯୦ଟି ଗ୍ରାମ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସମସ୍ୟା ଲାଗିରହିଛି। ନିକଟରେ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ରାମନଗର ବ୍ଲକ ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦ ଓ ରାଜସ୍ୱ ବିଭାଗ କୌଶଳଗତ ଭାବେ ଓଡିଶା ସୀମା ଉଲ୍ଲଂଘନ କରି ଓଡ଼ିଶାର ସହାବାଜିପୁର ଗ୍ରାମରେ ପଶି ମାପଚୁପ କରି ୫୦ଟି ସିମେଣ୍ଟ ଖୁଣ୍ଟ ପୋତିବାକୁ ନେଇ ସୀମାନ୍ତବାସୀ ମିଳିତ ଭାବେ ପ୍ରବଳ ପ୍ରତିବାଦ କରି ଖୁଣ୍ଟଗୁଡିକୁ ଉପାଡି ଫିଙ୍ଗିଦେବାରୁ ସ୍ଥିତି ଜଟିଳ ହୋଇଛି। ସୀମାନ୍ତବାସୀଙ୍କ ମିଳିତ ପ୍ରତିବାଦରେ ପଡୋଶୀ ରାଜ୍ୟ ପ୍ରଶାସନ ଛତ୍ରଭଙ୍ଗ ଦେଇଥିବା ବେଳେ ସୀମା ଦଖଲକୁ ନେଇ ପୁରୁଣା ଅଭ୍ୟାସ ଛାଡ଼ିନାହିଁ ବୋଲି ବିଧାୟକ ଗୌତମବୁଦ୍ଧ ଦାସ ବିଧାନସଭାରେ ପ୍ରକାଶ କରିଛନ୍ତି। ବାରମ୍ବାର ଓଡିଶା ସୀମାରେ ପଶି ପଶ୍ଚିମବଙ୍ଗ ସରକାର ଦାଦାଗିରି ଦେଖାଉଥିବା ବେଳେ ସୀମା ଦଖଲ ଘଟଣାକୁ ନେଇ ଜିଲାପାଳ, ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଅବଗତ କରିଥିଲେ ମଧ ରାଜ୍ୟ ସରକାର ଅସ୍ମିତାର ଡିଣ୍ଡିମ ପିଟୁଥିବା କଥା କହି ଅଦ୍ୟାବଧି ନିଦାବିଷ୍ଣୁ ସାଜିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ସୀମାନ୍ତବାସୀଙ୍କ ନିମନ୍ତେ ସୀମା ସମସ୍ୟାର ଯୁଦ୍ଧକାଳୀନ ଭିତ୍ତିରେ ସ୍ଥାୟୀ ସମାଧାନ କରାଯିବାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବିଧାନସଭାରେ ପ୍ରଶ୍ନ ରଖିଛନ୍ତି।

# ଚତୁର୍ଥ ବାର୍ଷିକ ଚାରିପ୍ରହର ନାମଯଜ୍ଞ ସରିଲା

ବାଲେଶ୍ୱର, ୧୯।୩(ବାଞ୍ଛାନିଧି ଦେ)-ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ଚାନ୍ଦମାରି ପଡ଼ିଆ ସୁରକ୍ଷା ସମିତି ଆନୁକୂଲ୍ୟରେ ଦୋଳପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା ପୂର୍ବକ ଚତୁର୍ଥ ବାର୍ଷିକ ଚାରିପ୍ରହର ନାମଯଜ୍ଞ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୩ ତାରିଖ ସନ୍ଧ୍ୟାରେ ଘଟୋତ୍ତୋଳନ ସହ ଅଧିବାସ ହୋଇଥିଲା। ୧୪ତାରିଖ ସକାଳେ ନାମ ସଂକୀର୍ତ୍ତନ ଆରମ୍ଭ ଓ ସନ୍ଧ୍ୟାରେ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇ ଦଧିହାଣ୍ଡି ଭଙ୍ଗାଯାଇଥିଲା। ନାମଯଜ୍ଞ ସମାପନ ପରେ ୩ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦସେବନରେ ଆପ୍ୟାୟିତ ହୋଇଥିଲେ। ୧୫ ତାରିଖରେ ସମିତି ପକ୍ଷରୁ ଦୋଳ ଉତ୍ସବ ପାଳିତ ହୋଇଥିଲା। ଉତ୍ସବରେ ଅନନ୍ତ କିଶୋର ନାୟକ ଏବଂ ତାଙ୍କ ସହଧର୍ମିଣୀ ନିରୂପମା ନାୟକ କର୍ତ୍ତା ଓ କର୍ତ୍ତୀ ଭାବେ ଦାୟିତ୍ୱନିର୍ବାହ କରିଥିଲେ।






## ଶିଶୁ ସୁରକ୍ଷା ସମ୍ପର୍କିତ ଆଲୋଚନା

ଚାନ୍ଦବାଲି,୧୯।୩(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ସଭାଗୃହ ପରିସରରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ବୈଠକ ବୁଧବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମିନତି ସୂତାର ମୁଖ୍ୟଅତିଥି, ବିଡିଓ ସଞ୍ଜୀବ କୁମାର ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ମେଡିକାଲ ଅଫିସର ଅଶୋକ କୁମାର ମିଶ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଗତି ଯୁବକ ସଂଘର ସମ୍ପାଦକ ଦେବବ୍ରତ ଦାସ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ବାଲ୍ୟବିବାହ, ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସିଡିପିଓ-୧ ସବିତା ସେଠୀ, ସିଡିପିଓ-୨ ଅହଲ୍ୟାରାଣୀ ଦୀପଙ୍କ ସହ ଏଏନ୍ଏମ୍, ଆଶାକର୍ମୀ, ଏମ୍‌ବିକେ ଓ ମିଶନ ଶକ୍ତି କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କୁ ଚାପିଦେଲା ତେଲ ଟ୍ୟାଙ୍କର

### ମୃତଦେହ ରଖି ରାସ୍ତାରୋକୋ

ବନ୍ତ,୧୯।୩ (ହରିନାରାୟଣ ମହାନ୍ତି)

ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥର ଶ୍ରୀବନ୍ତପୁର ଛକ ନିକଟରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ତେଲ ଟ୍ୟାଙ୍କର ଚାପି ଦେବାରୁ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବନ୍ତ ଥାନା ଅଧୀନ ଚାଇଁପୁର ଗ୍ରାମର ଶରତ ଜେନା(୫୨)। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିବା ବେଳେ ମୃତଦେହ ରଖି ରାସ୍ତାରୋକୋ କରାଯାଇଥିଲା।

ସୂଚନା ଅନୁଯାୟୀ, ଶରତ ସକାଳ ପ୍ରାୟ ସାଢ଼େ ୭ଟା ବେଳେ ଶୁଖୁଆ ଧରି ବନ୍ତ ହାଟକୁ ବିକିବା ପାଇଁ ଘରୁ ସାଇକେଲରେ ବାହାରି ଥିଲେ। ରାଜ୍ୟ ରାଜପଥରେ ବନ୍ତ ହାଟକୁ ଯାଉଥିବା ବେଳେ ଆନନ୍ଦପୁର ପାର୍ଶ୍ୱରୁ ଆସୁଥିବା ଏକ ତେଲ ଟ୍ୟାଙ୍କର ତାଙ୍କୁ ପଛପଟୁ ପିଟିଥିଲା। ସେ ଟ୍ୟାଙ୍କର ଚକା ତଳେ ପଡ଼ିଯିବାରୁ ଚାପିହୋଇ ତାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତାରେ ମୃତଦେହ ରଖି ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରିଥିଲେ। ଫଳରେ ଉଭୟପାର୍ଶ୍ୱରୁ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଭଣ୍ଡାରିପୋଖରୀ ଭାଜପା ନେତା ସୁଧାଂଶୁ ଶେଖର ନାୟକ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ଯୁବ କଂଗ୍ରେସ ନେତା ଜ୍ୟୋତି ରଞ୍ଜନ ନାୟକଙ୍କ ସମେତ ଅନ୍ୟ ଦଳୀୟ ନେତାମାନେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ପରେ ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ମହାନ୍ତି, ଥାନା ଏସ୍ଆଇ ସୁରେନ୍ଦ୍ର କୁମାର ମଲ୍ଲ ପ୍ରମୁଖ ପହଞ୍ଚି ସ୍ଥାନୀୟ ଲୋକ ଓ ଗାଡ଼ି ମାଲିକଙ୍କ ସହ ଆଲୋଚନା କରିବା ପରେ ସମାଧାନ ହୋଇଥିଲା। ମୃତକଙ୍କ ପରିବାରକୁ ଗାଡ଼ି ମାଲିକଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ଅନୁକମ୍ପା ରାଶି ସହାୟତା ଦେବା ସହ କ୍ରିୟାକର୍ମ ଦାୟିତ୍ୱ ନେବେ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିସହ ବୀମା କମ୍ପାନୀରୁ କିପରି ସହାୟତା ମିଳିବ, ସେନେଇ ଗାଡ଼ି ମାଲିକ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ପୂର୍ବାହ୍ନ ୧୧ଟାଠାରୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଶରତ ଜଣେ ଗରିବ ବ୍ୟବସାୟୀ ଥିଲେ। ବେପାର କରି ସେ ପରିବାର ପ୍ରତିପୋଷଣ କରିଆସୁଥିଲେ। ତାଙ୍କର ୨ ଅବିବାହିତ ଝିଅ ଥିବାବେଳେ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ଶ୍ରୀବନ୍ତପୁର ଛକ ନିକଟରେ ରାସ୍ତାରୋକୋ କରାଯାଇଛି।

# ସର୍ବଭାରତୀୟସ୍ତରରେ ୯ ର୍ୟାଙ୍କ୍‌ରେ କୌଶିକ

### ଅଣ୍ଡର ଗ୍ରାଜୁଏଟ୍ କମନ ଏଣ୍ଟ୍ରାନ୍ସ

ସାବରଙ୍ଗ,୧୯।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକ୍ ଅଧୀନ ବାଲିମେଦ ପଞ୍ଚାୟତ ପାନପୁର ଗ୍ରାମର ଛାତ୍ର କୌଶିକ କୁଶଲ ଭୋଇ ଆଇଆଇଟି ଦ୍ୱାରା ପରିଚାଳିତ ଅଣ୍ଡର ଗ୍ରାଜୁଏଟ୍ କମନ ଏଣ୍ଟ୍ରାନ୍ସ ଟେଷ୍ଟ ଫର୍ ଡିଜାଇନିଂରେ ସର୍ବଭାରତୀୟ ସ୍ତରରେ ୯ ର୍ୟାଙ୍କ୍ ପାଇ ଆଇଆଇଟି ଗୌହାଟିରେ ଶିକ୍ଷାଲାଭ କରିବାକୁ ମନୋନୀତ ହୋଇଛନ୍ତି। ଗତ ଫେବୃଆରୀରେ ଏହି ପରୀକ୍ଷା ହୋଇଥିବା ବେଳେ ନିକଟରେ ପରୀକ୍ଷାଫଳ ବାହାରିଛି। ଦେଶରୁ ୧୬ ହଜାର ପରୀକ୍ଷାର୍ଥୀ ଥିବାବେଳେ ୫୭୦୩ଜଣ ବିଭିନ୍ନ ବିଭାଗରେ ଆଇଆଇଟିରେ ଶିକ୍ଷାଲାଭ କରିବା ପାଇଁ ମନୋନୀତ ହୋଇଛନ୍ତି। କୌଶିକ ଜାମସେଦପୁର ଡିଏଭି ସ୍କୁଲରୁ ଯୁକ୍ତ ୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ହେବା ପରେ ଏହି ସଫଳତା ପାଇଛନ୍ତି। ତାଙ୍କ ବାପା ମାନସ କୁମାର ଭୋଇ ଜାମସେଦପୁରରେ ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ ମା' ଦୀପ୍ତିମଞ୍ଜରୀ ଭୋଇ ଜଣେ ଗୃହିଣୀ। ଭବିଷ୍ୟତରେ ଉଚ୍ଚଶିକ୍ଷା ଲାଭ କରି ଦେଶ ପାଇଁ କାମ କରିବେ ବୋଲି କୌଶିକ କହିଛନ୍ତି।



କୌଶିକ କୁଶଲ ଭୋଇ।

# ସରପଞ୍ଚ, ତାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ

### ୨ ଭାଇଙ୍କ ନାଁରେ ମାମଲା

ତିହିଡ଼ି,୧୯।୩ (ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତର ସରପଞ୍ଚ କୁନ୍ତଳା ମଲିକ ଓ ତାଙ୍କ ସ୍ୱାମୀ ଶିକ୍ଷକ ଅଶୋକ କୁମାର ମଲିକଙ୍କୁ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ନେଇ କାଁପଡ଼ା ଗ୍ରାମର ୨ଭାଇଙ୍କ ନାଁରେ ଥାନାରେ ମାମଲା ରୁଜୁ କରାଯାଇଛି। ସେହି ୨ଭାଇ ସରପଞ୍ଚଙ୍କୁ ଦୁର୍ବ୍ୟବହାର ମଧ୍ୟ କରିଥିବା ବେଳେ ତାଙ୍କ ଯାଆଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଗତ ୧୫ ତାରିଖରେ ଘଟିଥିବା ଏହି ଘଟଣା ସମ୍ପର୍କରେ ସରପଞ୍ଚ ୧୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ କାଁପଡ଼ା ଗ୍ରାମର ସୁମନ୍ତ ମଲିକ ଏବଂ ତାଙ୍କ ସାନଭାଇ ଶ୍ରୀକାନ୍ତ ମଲିକଙ୍କ ନାଁରେ ଏକ ମାମଲା (ନଂ.୧୦୨/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସରପଞ୍ଚ ଏତଲାରେ ଦର୍ଶାଇଛନ୍ତି ଯେ, କାଁପଡ଼ା ଛକରେ ତାଙ୍କ ଦିଅରଙ୍କ ସହ ଶ୍ରୀକାନ୍ତଙ୍କ ପାଟିତୁଣ୍ଡ ହୋଇଥିଲା। ଘଟଣାର କିଛି ସମୟ ପରେ ଶ୍ରୀକାନ୍ତ ଓ ସୁମନ୍ତ ବିଭିନ୍ନ ମାରଣାସ୍ତ୍ର ଧରି ଗାଳିଗୁଲଜ କରିଥିଲେ। ସେମାନେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ତାଙ୍କ ଯାଆଙ୍କୁ ଅସଦାଚରଣ କରିଥିଲେ।

# ଶିଶୁ ଉପରେ ମାଡ଼ିଗଲା ପିକ୍‌ଅପ୍ ଭ୍ୟାନ୍

ଚାନ୍ଦବାଲି,୧୯।୩(ଅଶୋକ ପଣ୍ଡା)

ମତୋ ପରମାନନ୍ଦପୁର ଛକ ନିକଟରେ ବୁଧବାର ରାତି ପ୍ରାୟ ୮ଟା ବେଳେ ଏକ ପିକ୍‌ଅପ୍ ଭ୍ୟାନ୍ ମାଡ଼ିଯିବାରୁ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଗାଡ଼ି ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ସେଠାରେ ଉତ୍ତେଜନା ଦେଖାଦେବାରୁ ମତୋ ଫାଣ୍ଡି ପୋଲିସ ମୁତୟନ ରହିଥିଲା। ମୃତକ ହେଲେ ପରମାନନ୍ଦପୁରର ସେକ୍ ଆଜାରୁଦ୍ଦିନଙ୍କ ପୁଅ ସେକ୍ ଆନ୍‌ସାର୍(୫)।

ସୂଚନା ଅନୁଯାୟୀ, ଏକ ଦ୍ରୁତଗାମୀ ପିକ୍‌ଅପ୍ ଭ୍ୟାନ୍ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିଲା। ମତୋ ପରମାନନ୍ଦପୁର ଛକ ନିକଟରେ ଭ୍ୟାନ୍‌ଟି ରାସ୍ତାରେ ଠିଆ ହୋଇଥିବା ସେକ୍ ଆନ୍‌ସାର୍‌ଙ୍କ ଉପରେ ମାଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ରାଜକନିକା ନିକଟରେ ତାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଗାଡ଼ି ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ପିଛା କରି କିଛି ଦୂରରେ ଅଟକାଇଥିଲେ। ଡ୍ରାଇଭର କୌଶଳକ୍ରମେ ଫେରାର ହୋଇଯାଇଛନ୍ତି। ପୋଲିସ ପିକ୍‌ଅପ୍ ଭ୍ୟାନ୍‌କୁ ମତୋ ଫାଣ୍ଡିକୁ ଆଣିବା ପାଇଁ କହିଥିବା ବେଳେ ଉତ୍ତ୍ୟକ୍ତ ଲୋକେ ଗାଡ଼ିକୁ ଗାଁକୁ ନେଇ ଅଟକ ରଖିଛନ୍ତି। ଉକ୍ତ ଛକରେ ମୃତଦେହ ରଖି ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାକୁ ଅବରୋଧ କରାଯାଇଥିଲା। ଫଳରେ ଉଭୟପାର୍ଶ୍ୱରେ ଗାଡ଼ିଗୁଡ଼ିକ ଅଟକି ରହିଥିଲା।

# 'ପାଠକଙ୍କ ମନରେ ସପ୍ତମ ରତ୍ନର ଚିତ୍ର ରମାକାନ୍ତ ରଥ'



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ତିହିଡ଼ି,୧୯।୩(ସଞ୍ଜିତ ବଳ)

ପାଠକଙ୍କ ମନର ଅନେକ କୋଠରିରେ ସପ୍ତମ ରତ୍ନର ଚିତ୍ର ହେଉଛନ୍ତି ବିଶିଷ୍ଟ କବି ରମାକାନ୍ତ ରଥ। ତାଙ୍କ ବିୟୋଗ ପରେ ବି ସେ ଚିତ୍ର ଅମଳିନ ରହିଥିବ ବୋଲି ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ ପ୍ରଖ୍ୟାତ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ସୈନିକ ସ୍କୁଲ ପରିସରରେ ମଞ୍ଚର ଉପଦେଷ୍ଟା ଡ.ବିଶ୍ୱରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗାଳ୍ପିକ ଡ. ଲକ୍ଷ୍ମୀଧର ତ୍ରିପାଠୀ, କବି ପି. ହୃଷୀକେଶ, ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି, ସାମାଜିକ କର୍ମୀ ସଚିକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରମାକାନ୍ତଙ୍କ ଉଜ୍ଜ୍ୱଳ କବି ପ୍ରତିଭାର ଅବତାରଣା କରିଥିଲେ। ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆବାହକ ଗାଳ୍ପିକ କୈଳାସ ବେହେରା ମଞ୍ଚ ଆହ୍ୱାନ କରିଥିବା ବେଳେ କବି ନିରଞ୍ଜନ ବାରିକ ପ୍ରାରମ୍ଭିକ ସୂଚନା ଓ ସଂଯୋଜକ ବିସ୍ମୟ ବିହାରୀ ସାହୁ ଶେଷ ସ୍ପର୍ଶ ଦେଇଥିଲେ। କବିଶ୍ରୀ ଗୋଲକ ପ୍ରସାଦ ବୈୟାରୀ, ମୁକୁନ୍ଦଦେବ ନାୟକ, ବସନ୍ତ କୁମାର ଦାସ ଓ ହରିହର ମହାଳିକ ସ୍ମୃତି କବିତା ପାଠ କରିଥିଲେ। କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ବିଶ୍ୱଜିତ ବେହେରା, ଖବରଦାତା ପ୍ରଭାତ କୁମାର ରାଉଳ, ଧନେଶ୍ୱର ନାୟକ, ନୀଳମାଧବ ସେନାପତି, କୁମାର ଗଙ୍ଗାଧର, ଆଶୁତୋଷ କରଣ, ନରହରି ନାୟକ, ପୀତାମ୍ବର ସେଠୀ, ପୁଷ୍ପାଞ୍ଜଳି ତ୍ରିପାଠୀ, ରୀନାରାଣୀ ପାତ୍ର ପ୍ରମୁଖ ସ୍ମୃତି ବକ୍ତବ୍ୟ ପ୍ରଦାନ କରିଥିଲେ।

# ରାଷ୍ଟ୍ରୀୟ ସେବା ଯୋଜନା କ୍ୟାମ୍ପକୁ ମନୋନୀତ ୨ ଛାତ୍ରୀ

ଧୁଷୁରୀ, ୧୯।୩ (ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକ ମା' ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଛାତ୍ରୀ ସ୍ମୃତିରେଖା ବେହେରା ଓ ପୁଷ୍ପାଞ୍ଜଳି ରାଉତ ଜାତୀୟ ସେବା ଯୋଜନା, ଓଡ଼ିଶା ପକ୍ଷରୁ ରାଷ୍ଟ୍ରୀୟ କ୍ୟାମ୍ପରେ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ଏହି କ୍ୟାମ୍ପ ଆସନ୍ତା ୨୧ ତାରିଖରୁ ଆରମ୍ଭ ହୋଇ ୭ ଦିନ ଯାଏ ଚାଲିବ। ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ରାଉତ, କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଭାତ କୁମାର ଧଳ, ଅଧ୍ୟାପକ ରବୀନ୍ଦ୍ର କୁମାର ପାଣିଗ୍ରାହୀ, ଶ୍ରୀଧର ସାହୁ ପ୍ରମୁଖ ୨ ଛାତ୍ରୀଙ୍କୁ ଦିଲ୍ଲୀ ଗସ୍ତ ପାଇଁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରକାଶଥାଉ କି, ଏହି କ୍ୟାମ୍ପରେ ଯୋଗଦେବା ପାଇଁ ଓଡ଼ିଶାରୁ ୧୦ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି।



ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ୨ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି।

# 'ବରିଷ୍ଠଙ୍କ ସେବା କଲେ ଆଶୀର୍ବାଦ ଝରିପଡ଼େ'



ଜିଲାସ୍ତରୀୟ ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ।

ଭଦ୍ରକ,୧୯।୩(ସନାତନ ରାଉତ)

ବରିଷ୍ଠମାନେ ସମାଜର ମାର୍ଗଦର୍ଶକ। ସେମାନଙ୍କ ଅଭିଜ୍ଞତା ଆମ ପାଇଁ ଆଶୀର୍ବାଦ। ସେମାନଙ୍କ ସେବା କଲେ ଅଦୃଶ୍ୟ ଆଶୀର୍ବାଦ ଝରିପଡ଼େ ବୋଲି ମଙ୍ଗଳବାର ପୂର୍ବାହ୍ନରେ ଭଦ୍ରକ ଜିଲାସ୍ତରୀୟ ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ କହିଛନ୍ତି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁ, ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି ଓ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜକ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ଦିବସ ପାଳନର ଆଭିମୁଖ୍ୟ ଓ ବରିଷ୍ଠମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ କହିଥିଲେ।

ଏହି ଅବସରରେ ବରିଷ୍ଠମାନଙ୍କ ପାଇଁ ସମର୍ପିତ ଓ ସମାଜର ଅବହେଳିତ ବର୍ଗଙ୍କ ଲାଗି କାର୍ଯ୍ୟ କରି ଆସୁଥିବା ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ, ବଙ୍କସାହିର ରାଧାରାଣୀ ମହାପାତ୍ର, ସରମଙ୍ଗାର ବସନ୍ତ କୁମାର ମହାପାତ୍ର, ଭଣ୍ଡାରିପୋଖରୀ ବ୍ଲକ ଛଞ୍ଚଣାର ବାମନ ଚରଣ ଘଡ଼େଇ, ବାଲିପାଟଣା ମଉଦାର ସୁଧାକର ରାଉତଙ୍କ ସମେତ ୧୬ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରୀ ସଭାପତି ପଦ୍ମନ ରାୟ ଧନ୍ୟବାଦ ଦେଇଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଭଦ୍ରକ ବିଏସ୍ଏସ୍‌ଓର ସୌମ୍ୟଜିତ୍ ବେହେରା, ଧାମନଗରର ଯଶୋଦାରାଣୀ ସାହୁ, ବନ୍ତର ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖଙ୍କ ସହ ବିଭାଗୀୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ଜୀବନ ଗଲା

ଭଣ୍ଡାରିପୋଖରୀ,୧୯।୩ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ବଘାଁବନାପୁର ପଞ୍ଚାୟତ ହଳଦୀଗଡ଼ିଆ ଗ୍ରାମରେ ବୁଧବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଦୁର୍ଯ୍ୟୋଧନ ଜେନା(୨୫)। ସେ କେନାଲ ନିକଟ ଖାଲରୁ ପାଣି ଉଠାଇବା ପାଇଁ ପୂର୍ବାହ୍ନ ୧୦ଟା ୩୦ ବେଳେ ମୋଟରରେ ବିଦ୍ୟୁତ୍ ସଂଯୋଗ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୫) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

# ମନ୍ଦିରରୁ ଅଳଙ୍କାର ଚୋରି

### ଦାନବାକ୍ସ ଭାଙ୍ଗି ଟଙ୍କା ନେଇଗଲେ

ତିହିଡ଼ି, ୧୯।୩ (ସଞ୍ଜିତ ବଳ)

ତିହିଡ଼ି ଓ ଏହାର ଆଖପାଖ ଅଞ୍ଚଳରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଚୋରମାନେ ବାଇକ୍ ଚୋରି କରିବା ସହ ମନ୍ଦିରରୁ ଚୋରି କରିବାକୁ ବି ପଛାଉ ନାହାନ୍ତି। ମଙ୍ଗଳବାର ରାତିରେ ଫତେପୁର ଛକରେ ଥିବା ତାରିଣୀ ମନ୍ଦିରରୁ ସୁନା, ରୁପା ଅଳଙ୍କାର ଚୋରି ହୋଇଛି। ଏପରିକି ମନ୍ଦିର ଦାନବାକ୍ସ ଭାଙ୍ଗି ଚୋରମାନେ ଟଙ୍କା ନେଇଯାଇଛନ୍ତି। ମନ୍ଦିର ତାଲା ଭାଙ୍ଗି ସେମାନେ ଚୋରି କରିଛନ୍ତି। ଫତେପୁର ଗ୍ରାମର ଶଶିକାନ୍ତ ନାୟକ ବୁଧବାର ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

ସେହିପରି ବିଭିନ୍ନ ଦିନରେ ତିହିଡ଼ିର ବିଭିନ୍ନ ସ୍ଥାନରୁ ୩ଟି ବାଇକ୍ ଚୋରି ହୋଇଛି। କାଳିମେଘା ମେଳଣରୁ ଶିକ୍ଷାବିତ୍ ଗିରିଜା ରମଣ ଜେନାଙ୍କ ବାଇକ୍, ତିହିଡ଼ି ବଜାରରୁ ସାକିରୁଦ୍ଦିନ ଖାଁ ଏବଂ ବାରୋ ପଞ୍ଚାୟତ ଅଧୀନ ଚବିଶପଡ଼ା ଗ୍ରାମର ସୁଶାନ୍ତ କୁମାର ମଲିକଙ୍କ ବାଇକ୍ ତାଙ୍କ ଘର ନିକଟରୁ ଚୋରି ହୋଇଛି। ସେମାନେ ତିହିଡ଼ି ଥାନାରେ ପୃଥକ୍ ଅଭିଯୋଗ କରିଛନ୍ତି।

# ୫୭୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଶିବିରରେ ଡାକ୍ତର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଭଣ୍ଡାରିପୋଖରୀ,୧୯।୩ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ନପଙ୍ଗ ପଞ୍ଚାୟତ କାର୍ଯ୍ୟାଳୟଠାରେ ବୁଧବାର ପୂର୍ବାହ୍ନ ୧୦ଟାରେ ଓଡ଼ିଶା ବନ ଉନ୍ନୟନ ଲିଃ ଯାଜପୁର ରୋଡ୍(ବାଣିଜ୍ୟ) ଖଣ୍ଡ ଦ୍ୱାରା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁଭାସିନୀ ନାୟକ ଓ ସମିତିସଭ୍ୟା ଝୁନାରାଣୀ ଧଳ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. କମଳାକାନ୍ତ ସ୍ୱାଇଁ, ଡା. ନବୀନ କୁମାର ପରିଡ଼ା, ଡା. ଦେବଦତ୍ତ ପାଣିଗ୍ରାହୀ, ଉଷାରାଣୀ ନାୟକ, ସ୍ନିଗ୍ଧାଞ୍ଜଳି ଜେନା, ପ୍ରିତିଶା ଭାରତୀ ପ୍ରମୁଖ ଯୋଗଦେଇ ୫୭୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଯାଜପୁର ରୋଡ୍‌ର ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଉପଖଣ୍ଡ ଅଧିକାରୀ ଘନଶ୍ୟାମ ମୁଦୁଲି, ଏସ୍‌ଡିଏମ୍ ପ୍ରେମ ତିର୍କୀ, ବିନୋଦ ବିହାରୀ ଜେନା, ପ୍ରଦୀପ କୁମାର ପୋଥାଳ, ପ୍ରଦୀପ କୁମାର ସାମଲ, ଦିନେଶ କୁମାର ସାମଲ, ମନୋସାଦିନ ତରାଇ, କୁଳମଣି ସିଂହ, ଦୀପ୍ତିମୟୀ ମହାଳିକ, ଜିତେନ୍ଦ୍ର ଗୌଡ଼, ଜଗନ୍ନାଥ ପ୍ରସାଦ, ବିଶ୍ୱରଞ୍ଜନ ମହାନ୍ତି, ସନ୍ଧ୍ୟାରାଣୀ ମଣ୍ଡଳ, କୈଳାଶ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ବୃତ୍ତିଗତ ଶିକ୍ଷା ଚୟନ ନେଇ ପରାମର୍ଶ

### ଶିଶୁ ଯତ୍ନ ଅନୁଷ୍ଠାନରେ କର୍ମଶାଳା

ଭଦ୍ରକ,୧୯।୩ (ସନାତନ ରାଉତ)

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଭଦ୍ରକ ଦୋଳସାହିସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ଯୋଗୀ ଋଷି ଲଚ୍ଛମନ ଦାସ ଶିଶୁ ଆଶ୍ରମଠାରେ ମଙ୍ଗଳବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ ଯୋଗଦେଇ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀମାନେ ମାଟ୍ରିକ ଓ ଯୁକ୍ତ ୨ ପାଠ୍ୟକ୍ରମ ପରେ ଆଇଟିଆଇ, ଡିପ୍ଲୋମା ଆଦି ପ୍ରଯୁକ୍ତିଗତ ପାଠ ପଢ଼ିବା ଦ୍ୱାରା ଭବିଷ୍ୟତର ବୃତ୍ତି ଚୟନ ସହଜ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ନିଯୋଜନ ଅଧିକାରିଣୀ ଅନୀତା ନାୟକ ଯୋଗଦେଇ ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା ପ୍ରଦାନ କରାଯାଉଥିବା ସିଲାଇ, ସୌନ୍ଦର୍ଯ୍ୟ ଓ କେଶବିନ୍ୟାସ, ଚିକିତ୍ସା ସହାୟକ ଆଦି ବିଭିନ୍ନ ଧନ୍ଦାମୂଳକ ପ୍ରଶିକ୍ଷଣ ନେଇ କର୍ମନିଯୁକ୍ତି ପାଇପାରିବେ ଏବଂ ରୋଜଗାରକ୍ଷମ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ। ଭଦ୍ରକ ସରକାରୀ ପଲିଟେକ୍ନିକ୍‌ର ବରିଷ୍ଠ ପ୍ରାଧ୍ୟାପକ ସତ୍ୟଜିତ ଧଳ କହିଥିଲେ, ଡିପ୍ଲୋମା ଶିକ୍ଷା ଦ୍ୱାରା କୁଶଳୀ ହୋଇ ଭଲ କର୍ମନିଯୁକ୍ତିରେ ଯୋଗଦେଇ ହେବ। ବୈଷୟିକ ଶିକ୍ଷାରେ ଅଧିକ ସଂଖ୍ୟାରେ ଯୋଗଦାନ ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ। ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ସହକାରୀ ପ୍ରଶିକ୍ଷଣ ଅଧିକାରିଣୀ ତମସାରାଣୀ ବେହେରା ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

ଦ୍ୱିତୀୟାର୍ଦ୍ଧରେ ଶିଶୁଯତ୍ନ ଅନୁଷ୍ଠାନରେ ଅର୍ଥ ଓ ହିସାବର ଠିକ୍ ପରିଚାଳନା ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ହିସାବରକ୍ଷକ ଧୀରଜ କୁମାର ବାରିକ ସରକାରଙ୍କ ଅର୍ଥ ସମ୍ବନ୍ଧୀୟ ନିୟମାବଳୀ ସମ୍ପର୍କରେ କହିଥିଲେ। ଶିଶୁ ଆଶ୍ରମର ସମ୍ପାଦକ ଲୋକନାଥ ପତି, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିରର ସମ୍ପାଦକ ମୁକ୍ତିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆଶ୍ରମର ଅଧୀକ୍ଷକ ଜ୍ୟୋତିପ୍ରକାଶ ପତି, ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିରର ଅଧୀକ୍ଷକ ଧନଞ୍ଜୟ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଶ୍ରମ ହିସାବରକ୍ଷକ ଚକ୍ରଧର ମହାରଣା ଧନ୍ୟବାଦ ଦେଇଥିଲେ। ଜିଲାର ୯ଟି ଶିଶୁ ଯତ୍ନ ଅନୁଷ୍ଠାନ ଅଧୀକ୍ଷକ, କାଉନସେଲର, ପ୍ରୋବେଶନ ଅଧିକାରୀ, ହିସାବ ରକ୍ଷକ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥି।

## ଥମୁନି ବେଆଇନ ଦେଶୀମଦ କାରବାର

ଢେଙ୍କିକୋଟ,୧୯।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ଅଞ୍ଚଳରେ ବେଆଇନ ଦେଶୀ ମଦ କାରବାର ଥମିବାରେ ନାଁ ଧରୁନି। ଢେଙ୍କିକୋଟ ବଜାରରେ ନିର୍ଭର ୧୫ ପଞ୍ଚାୟତବାସୀ ଘରେ ଘରେ ମହୁଲି ମଦ ତିଆରିକରି ବିକ୍ରି କରୁଛନ୍ତି। ଢେଙ୍କିକୋଟ୍ ବଜାର ଜାତୀୟ ରାଜପଥ ୨୦ ଏବଂ ଜାତୀୟ ରାଜପଥ ୨୨୦ର ମିଶ୍ରଣସ୍ଥଳ ହୋଇଥିବାରୁ ଦେଶୀ ମଦ କାରବାରରୁ ଅସାମାଜିକ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ବଜାରରେ ଥିବା ଦେଶୀ ମହୁଲି ମଦ ଦୋକାନ ୨୦୨୩ ମାର୍ଚ୍ଚରୁ ବନ୍ଦ ହୋଇଯାଇଥିବାରୁ ବେଆଇନ ଦେଶୀ ମଦ ବ୍ୟବସାୟୀ ଫାଇଦା ନେଉଛନ୍ତି। ବିଶେଷକରି ଢେଙ୍କିକୋଟ୍ ପ୍ରାଥମିକ ବିଦ୍ୟାଳୟ, ଶିବ ମନ୍ଦିର ଓ ଟିକିରାସ୍ଥିତ ହାଟପଡ଼ିଆରେ ହାଣ୍ଡିଆ ସହ ଦେଶୀ ମହୁଲି ମଦ ବିକ୍ରି ହେଉଛି। ଘଟଗାଁ ଅବକାରୀ ଥାନା ଇନ୍‌ଚାର୍ଜ ସବ୍‌ଇନ୍ସପେକ୍ଟର ସନ୍ତୋଷ ଦାସ ଫୋନରେ ମତାମତ ଦେବାକୁ ମନା କରିଦେଇଥିଲେ।

# ଗୁଜୁରି ମାର୍କେଟ ସମ୍ମୁଖ ଟ୍ରାଫିକ୍ ସମସ୍ୟା ବଢୁଛି

## ରାସ୍ତାରେ ଗାଡ଼ି ପାର୍କିଂ

କେନ୍ଦୁଝର,୧୯।୩(ଦୀପକ ମିଶ୍ର)

କେନ୍ଦୁଝର ସହରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ବିଶେଷକରି ସହରର ମୁଖ୍ୟ ରାସ୍ତା ଭାବେ ପରିଗଣିତ ଶିରିପୁରଠାରୁ ମଣ୍ଡୁଆ ଓ ସହରର ଗୁଜୁରି ମାର୍କେଟ ସମ୍ମୁଖରେ ଟ୍ରାଫିକ୍ ସମସ୍ୟା ଚିନ୍ତା ବଢ଼ାଉଛି। କେନ୍ଦୁଝରରେ ଛକ ଏବଂ ରାସ୍ତାଘାଟଗୁଡ଼ିକ ଅଣଓସାର ହୋଇଥିବା ବେଳେ ଜନସଂଖ୍ୟା ବୃଦ୍ଧି ଗହଳିକୁ ଦୁଇଗୁଣିତ କରୁଛି। ସେହି ଅନୁପାତରେ ବ୍ୟବସ୍ଥା କରାଯାଉ ନ ଥିବାରୁ ଲୋକେ ଟ୍ରାଫିକ୍‌ରେ ଫସୁଥିବା ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝରରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ସଂଖ୍ୟା ପୂର୍ବ ଅପେକ୍ଷା ବୃଦ୍ଧି ପାଇଛି। ସହରରେ ବହୁ ବ୍ୟବସାୟୀକ ପ୍ରତିଷ୍ଠାନ ଗଢ଼ି ଉଠିଛି। ମୁଖ୍ୟାଳୟରେ ସ୍କୁଲ କଲେଜ ସହିତ ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜକୁ ପ୍ରତ୍ୟହ



ରାସ୍ତା ଉପରେ ଗାଡ଼ି ପାର୍କିଂ କରାଯାଇଛି।

ଛାତ୍ରୀଛାତ୍ର ଆସୁଛନ୍ତି। ମେଡିକାଲ କଲେଜ ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜିଲା ସମେତ ପଡ଼ୋଶୀ ଜିଲା ଲୋକେ ଆସୁଛନ୍ତି। ମାତ୍ର କେନ୍ଦୁଝର ସହରରେ ବିନା ପାର୍କିଂ ବ୍ୟବସ୍ଥାରେ ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବଢୁଥିବାରୁ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ସହରର ମୁଖ୍ୟ ରାସ୍ତା ଭାବେ ପରିଗଣିତ ଶିରିପୁରଠାରୁ ମଣ୍ଡୁଆ, ଗୁଜୁରି ମାର୍କେଟ ସମ୍ମୁଖରେ ପ୍ରତ୍ୟହ ଟ୍ରାଫିକ୍ ସମସ୍ୟା ଚିନ୍ତା ବଢ଼ାଉଛି। ବଜାରର ପ୍ରବେଶ ପଥରେ ବ୍ୟବସାୟୀ ପସରା ମେଲାଇ ବସୁଥିବା ବେଳେ ଗ୍ରାହକମାନେ ବାହନଗୁଡ଼ିକ ପ୍ରବେଶ ପଥ ସମ୍ମୁଖରେ ରଖୁଛନ୍ତି। ଫଳରେ ଉକ୍ତ ରାସ୍ତାରେ ଗାଡ଼ି ଚଳପ୍ରଚଳ କରିବାରେ ବାଧା ଉପୁଜୁଛି। ପୋଲିସ ଏବଂ ପୌରପାଳିକା କର୍ତ୍ତୃପକ୍ଷ ସବୁ ଦେଖୁଥିଲେ ମଧ କହିବାକୁ କେହି ନାହାଁନ୍ତି। ହେଲ୍‌ମେଟ ପିନ୍ଧି ନ ଥିଲେ ଯେପରି ଫାଇନ ଆଦାୟ ହେଉଛି ରାସ୍ତା ଉପରେ ଗାଡ଼ି ରଖୁଥିବା ଲୋକ ଏବଂ ବ୍ୟବସାୟୀଙ୍କ ଗାଡ଼ିଗୁଡ଼ିକୁ ମଧ ଜରିମାନା କରିବାକୁ ଦାବି ହେଉଛି। ସହରରେ ପାର୍କିଂ ବ୍ୟବସ୍ଥା, ବେଆଇନ ପାର୍କିଂରୁ ଜରିମାନା ଆଦାୟ ହେଲେ ଟ୍ରାଫିକ ବ୍ୟବସ୍ଥା ବ୍ୟବସ୍ଥିତ ହୋଇପାରନ୍ତା ବୋଲି ସହରବାସୀ ମତପ୍ରକାଶ କରିଛନ୍ତି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ବିଭିନ୍ନ ସମୟରେ ବିଶୃଙ୍ଖଳିତ ଗାଡ଼ି ମାଲିକଙ୍କୁ ତାଗିଦା ସହ ଫାଇନ କରାଯାଉଛି। ଲୋକମାନେ ଟ୍ରାଫିକ ନିୟମ ପ୍ରତି ସଚେତନ ହେବା ଆବଶ୍ୟକ।

## ଝାଡ଼ାବାନ୍ତିରେ ଆଉ ଜଣେ ବୃଦ୍ଧଙ୍କ ମୃତ୍ୟୁ

କେନ୍ଦୁଝର,୧୯।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

### ଗ୍ରାମରେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି ଡାକ୍ତରୀ ଟିମ୍

କେନ୍ଦୁଝର ଜିଲାରେ ଏବେ ଝାଡ଼ାବାନ୍ତି ଆତଙ୍କ ଖେଳିଯାଇଛି। ବାଂଶପାଳ ବ୍ଲକ୍ ଅଧୀନ ମୁକୁନର ଗ୍ରାମର ଗୋପାଳ ଦେହୁରୀ(୭୦)ଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ରାତିରେ ପୁଣି ଉକ୍ତ ବ୍ଲକ୍‌ର ରାଇଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ଆମୁଣି ଗ୍ରାମର ସବର ଦେହୁରୀଙ୍କ ଝାଡ଼ାବାନ୍ତି ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ପାଇବା ପରେ ଏକ ସ୍ୱାସ୍ଥ୍ୟ ଦଳ ଉକ୍ତ ଗ୍ରାମକୁ ଯାଇ ଚିକିତ୍ସା କରିଥିଲେ। ଗ୍ରାମର ଏକମାତ୍ର ନଳକୂପର ମଇଳା ପାଣି ବ୍ୟବହାର ଯୋଗୁ ଝାଡ଼ାବାନ୍ତି ବ୍ୟାପିଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ଡ. କେସି ପୃଷ୍ଟି କହିଛନ୍ତି, ସୂଚନା ପାଇବା ପରେ ଏକ ଦଳ ଗାଁକୁ ପଠାଯାଇଥିଲା। ରିପୋର୍ଟ ପାଇବା ପରେ ଆକ୍ରାନ୍ତ ଠିକ୍ ସଂଖ୍ୟା ଏବଂ ମୃତ୍ୟୁର କାରଣ କହିପାରିବେ। ଡାକ୍ତରୀ ଟିମ୍ ଉକ୍ତ ଗ୍ରାମରେ ସେବା ଜାରି ରଖିଛନ୍ତି।

## ଖଣି ସଂସ୍ଥା କାର୍ଯ୍ୟର ତଦନ୍ତ ଦାବି

### ଗନ୍ଧମାର୍ଦ୍ଦନ ଖଣି ଲୋଡିଂ ଏଜେନ୍ସିରେ ଦୁର୍ନୀତି ଘଟଣା

କେନ୍ଦୁଝର,୧୯।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ ସମବାୟ ସମିତିରେ କ୍ରାଇମବ୍ରାଞ୍ଚ ଚଢ଼ାଉ ଜାରି ରଖିଛି। ଆର୍ଥିକ ହେରଫେର ଘଟଣାରେ ବିଜେଡି ନେତା ରାଜା ଚକ୍ରଙ୍କ ଗିରଫଦାରି ପରେ ମଧ ବିବାଦ ଥମୁନାହିଁ। ସରକାର ପରିବର୍ତ୍ତନ ପରେ ହୋଇଥିବା କାରବାରକୁ ତଦନ୍ତ ପରିସରଭୁକ୍ତ କରାଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଉଛି। ଏଥିସହ ଖଣି ସଂସ୍ଥା କାମର ତଦନ୍ତ କରିବାକୁ ଦାବି ହୋଇଛି।

ପ୍ରକାଶ ଯେ, ସୋସାଇଟି ଖଣିଜ ପଥର କିଣୁଥିବା ସଂସ୍ଥାଠାରୁ ଲୋଡିଂ ପାଇଁ କାର୍ଯ୍ୟାଦେଶ ନେଇଥାନ୍ତି। ଏଠାରେ ଶ୍ରମିକ ଲୋଡିଂ କାମ ନ କରି ମେଶିନ ଦ୍ୱାରା ଲୋଡିଂ କରାଯାଇଥାଏ। ଏଥିପାଇଁ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କୁ ଫାଇଦା ଦେଇ ଏହି ଲୋଡିଂ କାମ ହୋଇ ଆସୁଥିଲା। ଏଥିରେ ସମବାୟ ସମିତିର କର୍ମକର୍ତ୍ତା ଏବଂ ଏହା ପଛରେ ଥିବା ବଡ଼ ନେତା, ମନ୍ତ୍ରୀ ତଥା ପ୍ରଶାସନିକ ଅଧିକାରୀମାନେ ଅଧିକ ଲାଭବାନ୍ ହେଉଥିଲେ। ୨୦୨୧ରେ ସମବାୟ ନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଅଡିଟ୍‌ରେ କମ୍ ଆର୍ଥିକ ଅନିୟମିତତା ଦର୍ଶାଯାଇଥିଲା। ସେ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ ଆଜି ବଡ଼ଧରଣ ଆର୍ଥିକ ଅନିୟମିତତା ହୋଇ ନ ଥାନ୍ତା ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି।

ଅନ୍ୟପକ୍ଷେ ପାରିପାର୍ଶ୍ୱିକ ଉନ୍ନୟନ କାମ ଓଏମ୍‌ସି ନା ଏଜେନ୍ସି କରିଛି ତାହାର ଯାଞ୍ଚ ହେବା ଉଚିତ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଉଭୟ ସଂସ୍ଥା ପାରିପାର୍ଶ୍ୱିକ ଉନ୍ନୟନ ବାବଦକୁ ବହୁ କୋଟି ଟଙ୍କା ଖର୍ଚ୍ଚ ଦର୍ଶାଇ ଆସୁଛନ୍ତି। ଖଣିରେ ଦୀର୍ଘ ବର୍ଷ ଧରି ଜଣେ ଅଧିକାରୀ ରହିବା, ସବୁ କାମକୁ ଜାଣି ଚୁପ୍ ବସିବା ଏବଂ ପ୍ରୋତ୍ସାହିତ କରିବା ସମସ୍ତଙ୍କୁ ଚକିତ କରିଛି। ଖଣି ପରିବହନ ପାଇଁ କ୍ରେତା ଓ ଖଣି ଖନନ ସଂସ୍ଥାଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ଅର୍ଥ ଆଦାୟ ହୋଇ ଭାଗବଣ୍ଟା ହୋଇଥାଏ ବୋଲି ଆଲୋଚନା ହେଉଛି। ଏଣୁ ଖଣି ସଂସ୍ଥା, ବରିଷ୍ଠ କର୍ମଚାରୀଙ୍କ କାର୍ଯ୍ୟ ଓ ସମ୍ପତ୍ତି ଯାଞ୍ଚ କରାଗଲେ ବେଆଇନ କାରବାରର ପର୍ଦ୍ଦାଫାଶ ହୋଇପାରିବ। ଖଣିରେ କିଭଳି ଗୋଟିଏ ଗୋଟିଏ ସଂସ୍ଥା ଦୀର୍ଘ ବର୍ଷ ଧରି ରେଜିଂ, ଲୋଡିଂ, ଲେଭଲିଂ କାମ କରିଆସୁଥିଲେ, ତାହାର ମଧ ତଦନ୍ତ ହେବା ଉଚିତ। ବିଜେଡି ବିଧାୟକ ବଦ୍ରିନାରାୟଣ ପାତ୍ର ଏହା ପଛରେ ପ୍ରଶାସନିକ ଅଧିକାରୀଙ୍କ ହାତ ଥିବା ଏବଂ ସରକାରଙ୍କ ଗୋଚରରେ ଚାଲିଆସୁଥିବା ସ୍ପଷ୍ଟ କରିଥିବାରୁ ତଦନ୍ତ ହେବା ଜରୁରୀ ବୋଲି ମତପ୍ରକାଶ ପାଉଛି। ସେହିପରି ଏମ୍‌ପି ଅନନ୍ତ ନାୟକ ମଧ ଘୋଟାଲାର ଅଧିକ ତଦନ୍ତ କରାଗଲେ ଏହା ପଛରେ ଥିବା ବାବୁଙ୍କ ଅସଲ ମୁଖା ଖୋଲିବ ବୋଲି କହିଛନ୍ତି।

## ପ୍ରୋସିଡିଂ ଚାଲିବ, କାର୍ଯ୍ୟାନୁଷ୍ଠାନ ନିଆଯିବନି

ହାଟଡ଼ିହୀ,୧୯।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରିଗାଁ ସମବାୟ ସମିତି ଲିମିଟେଡ୍ ତରଫରୁ ଦାୟର ମାମଲାରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଛନ୍ତି। କେସ ନଂ ଡବ୍ଲ୍ୟୁପି(ସି)-୬୮୧/୨୦୨୫ରେ ଆରସିଏସ ଓଡ଼ିଶା, ଡିଆରସିଏସ ବାଲେଶ୍ୱର ଡିଭିଜନଙ୍କୁ ପକ୍ଷ କରାଯାଇଛି। ପ୍ରକ୍ରିୟା(ପ୍ରୋସିଡିଂ) ଚାଲିବ, କିନ୍ତୁ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ଆବେଦନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବନି ବୋଲି ଅନ୍ତରୀଣ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ପରବର୍ତ୍ତୀ ଶୁଣାଣି ପାଇଁ ୧୮ ମାର୍ଚ୍ଚ ୨୦୨୫କୁ ଦିନ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, ମରିଗାଁ ସମବାୟ ସମିତିରେ ଲକ୍ଷାଧିକ ଟଙ୍କା ହେରଫେର ନେଇ ସମିତି ସମ୍ପାଦକ ଶରତ ସେଠୀ ଛନ୍ଦି ହୋଇଥିଲେ। କେନ୍ଦୁଝର ଡିଆରସିଏସ ଶୁଭ୍ରକାନ୍ତି ତୁଙ୍ଗ ମରିଗାଁ ସମବାୟ ସମିତିରେ ମ୍ୟାନେଜମେଣ୍ଟ କମିଟିକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପରେ ୬ ମାସ ପାଇଁ କମିଟିକୁ ରଦ୍ଦ କରିଥିଲେ। ଆନନ୍ଦପୁର ଏଆରସିଏସ କାର୍ଯ୍ୟାଳୟର ଅଧିକାରୀ ନିତ୍ୟାନନ୍ଦ ଦେହୁରୀଙ୍କୁ ସମ୍ପୃକ୍ତ ମରିଗାଁ ସମିତିର ଏମଆଇସି(ମ୍ୟାନେଜମେଣ୍ଟ ଇନ ଚାର୍ଜ) ଭାବେ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ଅଧିକାରୀ ଦେହୁରୀ ସମ୍ପୃକ୍ତ ସମିତିକୁ ଦାୟିତ୍ୱ ନେବାକୁ ଯାଇଥିବା ବେଳେ ସମ୍ପାଦକ ଶରତ ସେଠୀ କୌଣସି ରେକର୍ଡ ପତ୍ର ତାଙ୍କୁ ପ୍ରଦାନ ନ କରି ଫେରାଇ ଦେଇଥିଲେ। ଫଳରେ ଉକ୍ତ ଘଟଣାରେ

### ମରିଗାଁ ସମବାୟ ସମିତି ଆର୍ଥିକ ଅନିୟମିତତା ଘଟଣା

ଆନନ୍ଦପୁର ଏଆରସିଏସ କାର୍ଯ୍ୟାଳୟ ତରଫରୁ ସମିତିର ସମ୍ପାଦକ ଶରତ ସେଠୀଙ୍କୁ ଏ ବାବଦରେ ସତର୍କ କରାଇବା ସହ ରେକର୍ଡ ପତ୍ର ଏମଆଇସିଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଚିଠି ଜାରି ହୋଇଥିଲା। କିନ୍ତୁ ସମ୍ପାଦକ ସେଠି ଛୁଟି ପାଇଁ ଏକ ଦରଖାସ୍ତ ଦେଇଥିଲେ। ରେକର୍ଡ ପତ୍ର ହସ୍ତାନ୍ତର ନ କରି ସମ୍ପାଦକ ସେଠୀଙ୍କୁ ଏପରି ସ୍ଥଳେ ଛୁଟି ମଞ୍ଜୁର କରାଯିବା ନେଇ ବିଭାଗୀୟ ଅଧିକାରୀଙ୍କ ଭୂମିକା ଦିଗରେ ନାନା ସନ୍ଦେହ ମଧ ସୃଷ୍ଟି ହୋଇଥିଲା।

## ଜଳ ସମସ୍ୟାରେ ଜର୍ଜରିତ କାନପୁର ବିସ୍ଥାପିତ



ଅଧିକାରୀଙ୍କ ଉପସ୍ଥିତିରେ ଉପଜିଲାପାଳ ବିସ୍ଥାପିତଙ୍କ ସହ ଆଲୋଚନା କରୁଛନ୍ତି।

ଚମ୍ପୁଆ,୧୯।୩ (ମହେଶ୍ୱର ଦାସ)

■ଅନ୍ୟତ୍ର ପୁନଃ ଥଇଥାନ ଦାବି
■ସମୀକ୍ଷାକଲେ ଉପଜିଲାପାଳ

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡର କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଉତ୍କଟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେମାନଙ୍କୁ ନାରଦପୁର କାଜୁପଡ଼ିଆଠାରୁ ଅନ୍ୟତ୍ର ପୁନଃ ଥଇଥାନ କରିବାକୁ ଦାବି କରିଛନ୍ତି। ବୁଧବାର ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା ବିସ୍ଥାପିତ କଲୋନୀକୁ ଯାଇ ସମୀକ୍ଷା କରିଥିଲେ।

ଦାବି ମୁତାବକ, ଜଳସେଚନ ପ୍ରକଳ୍ପ ପାଇଁ ରେଭେନ୍ସାପୁର (କ)ର ଲୋକଙ୍କୁ ନାରଦପୁର ପଞ୍ଚାୟତର ଏକ କାଜୁ ଜଙ୍ଗଲରେ ଥଇଥାନ କରାଯାଇଥିଲା। ଥଇଥାନ ସମୟରେ ମୌଳିକ ସୁବିଧା ଯୋଗାଇଦେବାକୁ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ପାରିପାର୍ଶ୍ୱିକ ଉନ୍ନତି ତଥା ପ୍ରତିଶ୍ରୁତି ପୂରଣ ହୋଇପାରିନାହିଁ। ୨୭ ବିସ୍ଥାପିତ ପରିବାର ଉକ୍ତ ଅଞ୍ଚଳରେ ବସବାସ କରୁଥିଲେ ହେଁ ପାନୀୟଜଳ ପାଇଁ ଡହଳବିକଳ ହେଉଛନ୍ତି। ଉପ ଜିଲାପାଳ ପରିଡ଼ା, ଏସ୍‌ଡିପିଓ ଆର୍.ଆର୍. ସାହ ପ୍ରମୁଖ ବନ୍ଦ ଥିବା ବୋରିଂ ଏବଂ ନଳକୂପ ସଜାଡ଼ିବାକୁ ଝୁମ୍ପୁରା ବିଡିଓ ଏବଂ କାନପୁର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମେଗା ପାନୀୟଜଳ ପ୍ରକଳ୍ପ ଅଧିକାରୀଙ୍କ ସହ ଆଲୋଚନାକରି ପାଇପ୍ ମାଧ୍ୟମରେ ପାନୀୟଜଳ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।

## ଘୋଷଣାରେ ପଲିଥିନ୍ କଟକଣା

କେନ୍ଦୁଝର,୧୯।୩ (ଦୀପକ ମିଶ୍ର)

କେନ୍ଦ୍ର ଓ ରାଜ୍ୟ ସରକାର ଏକକ ବ୍ୟବହାର ପଲିଥିନ୍ ଉପରେ କଟକଣା ଲଗାଇଛନ୍ତି। ବ୍ୟବହାରକଲେ ଜରିମାନା ଧାର୍ଯ୍ୟ ମଧ ହୋଇଛି। ମାତ୍ର ଯାଞ୍ଚ ଅଭାବରୁ ଏହା କେବଳ ଘୋଷଣାନାମାରେ ରହିଯାଉଛି। କେନ୍ଦୁଝର ସହରରେ ବହୁଳ ମାତ୍ରାରେ ପଲିଥିନ୍ ବ୍ୟବହାର ହେଉଥିଲେ ମଧ ଆଖିଦୃଶିଆ ଚଢ଼ାଉ ହେଉନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ୨୦୨୧ରୁ ସରକାର ପଲିଥିନ୍ ଉପରେ କଟକଣା କରିଥିଲେ। ମାତ୍ର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ମ୍ୟୁନିସିପାଲିଟି, ଏନ୍‌ଏସି, ବ୍ଲକ୍ ଓ ପଞ୍ଚାୟତ ପ୍ରଭୃତି ଏଜେନ୍ସି ଠିକ୍‌ଭାବେ କାର୍ଯ୍ୟ ସମ୍ପାଦନ କରୁ ନ ଥିବାରୁ ପଲିଥିନ୍ ବ୍ୟବହାର ବନ୍ଦ କରାଯାଇପାରୁନାହିଁ। ଚିଠି ଫାଇଲ ଭିତରେ ରହିଯାଉଛି ହେଲେ



କାର୍ଯ୍ୟକାରୀ ହେଉ ନ ଥିବା ବୁଦ୍ଧିଜୀବୀ ନିତ୍ୟାନନ୍ଦ ଦାଶ ପ୍ରକାଶ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର କହିଛନ୍ତି, ବିଭାଗ ଏହି ଆଇନକୁ କାର୍ଯ୍ୟକାରୀ କରିବା ସଂସ୍ଥା ସହ ମିଶି ଚଢ଼ାଉ କରାଯିବ। ମାତ୍ର ଗୋଟିଏ ଉତ୍ତର ଦୀର୍ଘ ୬ ମାସ ହେଲା ଶୁଣିବାକୁ ମିଳୁଛି। କାର୍ଯ୍ୟକାରୀ ସଂସ୍ଥା ଉପରେ ଦୋଷ ଲଦି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନିଜର ପ୍ରମୁଖ ଭୂମିକାରୁ ଦୂରେଇ ଯିବାକୁ ଏହା ଏକ ବାହାନା ବୋଲି ସୁଶାନ୍ତ କୁମାର ସାହୁ ଅଭିଯୋଗ କରିଛନ୍ତି। କେନ୍ଦୁଝର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଲଳିତ ନାୟକ କହିଛନ୍ତି, ଖୁବ୍‌ଶୀଘ୍ର ବିଭିନ୍ନ ସ୍ଥାନରେ ଚଢ଼ାଉକରି ୧୨୦ ମାଇକ୍ରନ୍ ତଳର ପଲିଥିନ୍‌ର ବେଆଇନ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ମ୍ୟୁନିସିପାଲିଟି ଚେଷ୍ଟା କରିବ। ଏ ବାବଦରେ ନଗରପାଳିକା ଉପାଧକ୍ଷ ବରଦା ଦାସ କହିଛନ୍ତି, ପଲିଥିନ୍ କଟକଣାକୁ ଠିକ୍ ଭାବରେ କାର୍ଯ୍ୟକାରୀ ପାଇଁ କାଉନ୍‌ସିଲ ମିଟିଂରେ ଅତୀତରେ ରିଜୋଲୁସନ ହୋଇଛି। କାଉନ୍‌ସିଲର ପଙ୍କଜ ଦ୍ୱିବେଦୀ କହିଛନ୍ତି, ରିଜୋଲୁସନ କରାଯାଇ କାଁଭାଁ ବର୍ଷରେ ଥରେ ଦୁଇଥର ଛୋଟ ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରାଯାଉଛି। ଚଢ଼ାଉ ନିୟମିତକରି ହୋଲ୍‌ସେଲରଙ୍କ ଉପରେ ଦଣ୍ଡବିଧାନ କରାଗଲେ ଏହା ଫଳପ୍ରଦ ହୋଇପାରନ୍ତା।

## ୨ ବର୍ଷ ହେଲା ଏଟିଏମ୍ କାମ କରୁନି

ଢେଙ୍କିକୋଟ,୧୯।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ବ୍ୟବସାୟିକ ପେଣ୍ଠସ୍ଥଳ ଢେଙ୍କିକୋଟ ବଜାରରେ ୟୁନିୟନ ବ୍ୟାଙ୍କ ଶାଖାରେ ଥିବା ଏଟିଏମ୍ ୨ ବର୍ଷ ହେବ ଅଚଳ ହୋଇପଡ଼ିଛି। ଏଠାରେ ଉଠାଣ ଓ ଜମା ୨ ଟି ମେଶିନ ରହିଥିଲା। ବର୍ତ୍ତମାନ ଏଟିଏମ ବନ୍ଦ ଥିବାରୁ ଗ୍ରାହକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ୟୁନିୟନ ବ୍ୟାଙ୍କ ଢେଙ୍କିକୋଟ ଶାଖାରେ ତୁରନ୍ତ ମେଶିନ ଲଗାଇବାକୁ ଦାବି ହୋଇଛି। ଶାଖା ପରିଚାଳକ ସୁବ୍ରତ ପଣ୍ଡା କହିଛନ୍ତି, ବାଲେଶ୍ୱର ଶାଖାରେ ନୂତନ ମେଶିନ ପହଞ୍ଚିଛି। ଏପ୍ରିଲ ସୁଦ୍ଧା ଏଟିଏମ୍‌ରେ ନୂତନ୍ ମେଶିନ ଲାଗାଯିବ।

## ସାମାଜିକକର୍ମୀଙ୍କ ପରଲୋକ

ପାଟଣା,୧୯।୩(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ଶାସନର ସାମାଜିକକର୍ମୀ ନିତ୍ୟାନନ୍ଦ ଦାଶ(୮୨)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଜଣେ ଅତ୍ୟନ୍ତ ମେଳାପି, ବନ୍ଧୁ ବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ପାଟଣା ତହସିଲଦାର ଲୀଳାବତୀ ନାୟକ, ପୂର୍ବତନ ବ୍ଲକ୍ ଅଧକ୍ଷ ଇଂ. ବିଦ୍ୟାଧର ଦାଶ, ବଡ଼ ପାଟଣା ସରପଞ୍ଚ ବିନତି ବାନାରା, ଶିଳ୍ପପତି ବିବେକନନ୍ଦ ଦାଶ, କଂଗ୍ରେସ ନେତା ଲକ୍ଷ୍ମଣ ଦାଶ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପାଟଣା ମୁଖ୍ୟାଳୟ ବୈତରଣୀ ନଦୀ ଦୁର୍ଗା ଦେଇପୁର ଶ୍ମଶାନ ଘାଟରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଲିଙ୍ଗରାଜ ମୁଖାଗ୍ନି ଦେଇଥିଲେ।

## ୬ ବାଲି ବୋଝେଇ ଟ୍ରାକ୍ଟର ଜବତ

ଛେନାପଦି,୧୯।୩(ନିରାକାର ପରିଡ଼ା): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଣା ସମଣା ରାସ୍ତାର ବରାଙ୍ଗ ଛକ ନିକଟରୁ ୬ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ନନ୍ଦିପଦା ଥାନା ଆଇପିଏସ ରାକେଶ ସାହୁଙ୍କ ନିର୍ଦ୍ଦେଶରେ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ସକାଳ ୭ଟା ୩୦ରେ ଅତର୍କିତ ଚଢ଼ାଉ କରି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଛି। ଟ୍ରାକ୍ଟରଗୁଡ଼ିକୁ ଥାନା ପରିସରକୁ ନେଇ ୬ ପୃଥକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପାତ୍ର କହିଛନ୍ତି।

## ଲୁହାପଡ଼ା ଜଙ୍ଗଲରେ ୩୦ ହାତୀ

ଜଳେଶ୍ୱର, ୧୯।୩(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଦୀର୍ଘ ୫ବର୍ଷ ହେବ ଏହି ଅଞ୍ଚଳରେ ହାତୀମାନେ ଆତଙ୍କ ଖେଳାଇ ଚାଲିଛନ୍ତି। ଦିନବେଳା ହାତୀମାନେ ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଜନବସତି ଏବଂ କ୍ଷେତମୁହାଁ ହେଉଛନ୍ତି। ଫଳରେ ଧାନଫସଲ କ୍ଷତି ହେବା, ଲୋକଙ୍କୁ ମାରିବା ସହିତ ଘର ମଧ ଭାଙ୍ଗୁଛନ୍ତି। ଫଳରେ ସନ୍ଧ୍ୟା ହେଲେ ଏହି ଅଞ୍ଚଳରେ ତାଟିକବାଟ ପଡ଼ୁଛି।

ମଙ୍ଗଳବାର ରାତି ପ୍ରାୟ ୧୨ଟା ବେଳେ ପଶ୍ଚିମବଙ୍ଗ ଚନ୍ଦାବିଲା ରେଞ୍ଜର ତପୋବନ ନିକଟରୁ ଆସି ୩୦ଟିକିଆ ହାତୀପଲ ପହଞ୍ଚିଛନ୍ତି। ନୟା ଗ୍ରାମରେ କଳମା ପୋଖରୀଆ ନିକଟରେ ଆଉ ଏକ ହାତୀପଲ ରହିଛନ୍ତି। ବିଳମ୍ବିତ ରାତିରେ ବାଲେଶ୍ୱର ଏବଂ ମୟୂରଭଞ୍ଜ ରାସଗୋବିନ୍ଦପୁର ଅଞ୍ଚଳରୁ କେନ୍ଦୁଖୁଣ୍ଟା ସୀମା ଦେଇ ୩୦ଟି ହାତୀପଲ ଆସି ଲୁହାପଡ଼ା ଜଙ୍ଗଲରେ ପହଞ୍ଚିଛନ୍ତି। ଏହି ୩୦ଟି ହାତୀପଲକୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ରାଇବଣିଆ ବନ କାର୍ଯ୍ୟାଳୟ ପକ୍ଷରୁ ଫରେଷ୍ଟର ପ୍ରହ୍ଲାଦ ନାୟକ ଏବଂ ଫରେଷ୍ଟର ଦିଲୀପ ସିଂଙ୍କ ସହିତ ଗଜସାଥୀ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ହାତୀଗୁଡ଼ିକୁ ଜଙ୍ଗଲକୁ ଘଉଡ଼ାଇଥିଲେ। ହାତୀପଲ ଜଙ୍ଗଲକୁ ଯିବା ସମୟରେ ଶ୍ୟାମନଗର ପଞ୍ଚାୟତର ଚନ୍ଦ୍ରପୁର, କାନପୁର ଏବଂ ଖୁଆଡ଼ ପଞ୍ଚାୟତର ପୁରୁଣାପାଣି, ଖୁଆଡ଼ ବରଡିହା ପଞ୍ଚାୟତର ବାଘୁଡ଼ିପଦାରେ ଥିବା ଚାଷ ହୋଇଥିବା ଜମିଗୁଡ଼ିକୁ ନଷ୍ଟ କରି ଜଙ୍ଗଲକୁ ଯାଇଛନ୍ତି। ଏ ନେଇ ଚାଷୀଙ୍କୁ ଜଙ୍ଗଲ ବିଭାଗ ଦ୍ୱାରା ତଦନ୍ତ କରି କ୍ଷତିପୂରଣ ଯୋଗାଇବାକୁ ଅନୁରୋଧ କରିଛନ୍ତି। ହାତୀଗୁଡ଼ିକ ଏବେ ଲୁହାପଡ଼ା ଜଙ୍ଗଲରେ ରହିଛନ୍ତି ବୋଲି ଫରେଷ୍ଟର ପ୍ରହ୍ଲାଦ ନାୟକ ସୂଚନା ଦେଇଛନ୍ତି।

## ଟ୍ରାକ୍ଟର ଚକା ଚଢ଼ିଯିବାରୁ ଡ୍ରାଇଭରଙ୍କ ମୃତ୍ୟୁ

ନୀଳଗିରି, ୧୯।୩(ପ୍ରଶାନ୍ତ କୁମାର ବିଶ୍ୱାଳ): ମାଟି ଉଠାଉଥିବା ବେଳେ ଟ୍ରାକ୍ଟର ଉପରେ ବସିଥିବା ଜଣେ ଡ୍ରାଇଭର ଉପରୁ ତଳକୁ ଖସିପଡିବାରୁ ଡ୍ରାଇଭରଙ୍କ ମୁଣ୍ଡ ଉପରେ ଚକା ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ବୁଧବାର ଏହି ଦୁର୍ଘଟଣା ଘଟିଛି। ନୀଳଗିରି ବ୍ଲକ ବରହମପୁର ଥାନା ବାଲିଆଝର ଗ୍ରାମର ଫୁମ୍ପୁଲୁ ସିଂ (୪୮) ଟ୍ରାକ୍ଟର ଡ୍ରାଇଭର ଭାବେ ସୋର ଥାନା ଖଞ୍ଜାମାହଲ ପାହାଡ ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଟ୍ରାକ୍ଟର ଯୋଗେ ମାଟି ଉଠାଇବାକୁ ଯାଇଥିଲେ। ତେବେ ଫୁମ୍ପୁଲୁ ଗାଡ଼ି ଉପରେ ବସିଥିବା ବେଳେ ପାଖରେ ଥିବା ଅନ୍ୟ ଜଣେ ଲୋକ ହଠାତ୍ ଟ୍ରାକ୍ଟର ଷ୍ଟାର୍ଟ କରିଦେବାରୁ ଫୁମ୍ପୁଲୁ ତଳକୁ ଖସିପଡ଼ିଥିଲେ। ଫଳରେ ଗାଡିଚକା ତାଙ୍କ ମୁଣ୍ଡ ଉପରେ ଚାଲିଯିବାରୁ ଘଟଣାସ୍ଥଳରେ ଡ୍ରାଇଭର ଫୁମ୍ପୁଲୁଙ୍କ ଜୀବନ ଚାଲିଯାଇଥିଲା।

## ପାଚେରି ଭାଙ୍ଗି ଘରୋଇ ଜମିକୁ ଯାତାୟାତ

### କୃଷି ବିଭାଗର ଫାର୍ମ ଅସୁରକ୍ଷିତ

କେନ୍ଦୁଝର,୧୯।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ପରିସରରେ ଥିବା ଫାର୍ମ ବିଭାଗ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଦୀର୍ଘ ବର୍ଷ ହେଲା ଅସୁରକ୍ଷିତ ହୋଇପଡ଼ିଛି। ଫାର୍ମ ପରିସର ଉନ୍ମୁକ୍ତ ରହିଥିବାରୁ ସର୍ବସାଧାରଣଙ୍କ ଯାତାୟାତ ପଥରେ ପରିଣତ ହୋଇଛି। ଏପରିକି ଫାର୍ମ ପଛପଟେ ଥିବା ଘରୋଇ ଜମିକୁ ସୁବିଧାରେ ଯାତାୟାତ ପାଇଁ ଫାର୍ମ ପାଚେରିଙ୍କୁ ଭାଙ୍ଗି ଦିଆଯାଇଛି। ଫାର୍ମ ସମ୍ମୁଖ ମୁଖ୍ୟ ଗେଟ୍ ଭାଙ୍ଗିଯାଇଥିବାରୁ ଫାର୍ମ ପରିସରରେ ମଦ୍ୟପ, ଅସାମାଜିକଙ୍କ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଏହି କାରଣରୁ ଫାର୍ମରେ ହୋଇଥିବା ସୋରିଷ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଯାଇଛି। ଏ ନେଇ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, କୃଷି ବିଭାଗ ଫାର୍ମରେ ପାଖାପାଖି ୨୫ ଏକର ପରିମିତ ଚାଷଜମି ରହିଛି। ବର୍ଷ ତମାମ ଧାନ ଓ ଅଣଧାନ ଚାଷ କରାଯାଇଥାଏ। ପରିସର ଉନ୍ମୁକ୍ତ ରହୁଥିବାରୁ ଆଗଭଳି ଚାଷ ହୋଇପାରୁନାହିଁ। ଫାର୍ମ ପାଚେରି ଭାଙ୍ଗିଥିବାରୁ ଗୋର ଓ ଅସାମାଜିକଙ୍କ



ପାଚେରି ଭଙ୍ଗାଯାଇ ରାସ୍ତା କରାଯାଇଛି।

ଅବାଧ ପ୍ରବେଶ ହେଉଛି। ଯାତାୟାତ ପାଇଁ ଫାର୍ମର ମୁଖ୍ୟ ଗେଟ୍ ଓ ପାଚେରି ଭାଙ୍ଗି ଦିଆଯାଇଛି। ଜମି ବ୍ୟବସାୟୀ ଫାର୍ମ ପଛ ପଟେ ଥିବା ଜମିକୁ ଉଚ୍ଚ ଦରରେ ବିକ୍ରି ପାଇଁ ରାସ୍ତାକୁ ଦେଖାଉଥିବା ଅଭିଯୋଗ ହୋଇଛି। ୨୦୦୫ରେ ଏଭଳି ଫାର୍ମ ରାସ୍ତାକୁ ଦେଖାଇ ବେଆଇନ ଭାବେ ଜମି ବିକ୍ରି ହୋଇଥିଲା। ତତ୍କାଳୀନ ଫାର୍ମ ଓଭରସିୟର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଣି ରାସ୍ତା ବ୍ୟବହାର କରିବା ସହ ପାଚେରି ଭାଙ୍ଗିଦିଆଯାଇଛି। ଫାର୍ମ ଓଭରସିୟର ବୈକୁଣ୍ଠନାଥ ସିଂ କହିଛନ୍ତି, ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ଅବଗତ କରାଯାଇଛି। ମୁଖ୍ୟ ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଏ ନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଯୁବପିଢ଼ିଙ୍କୁ ସ୍ୱରୋଜଗାରକ୍ଷମ କରିବା ଲକ୍ଷ୍ୟ : ଜିଲାପାଳ

### ଜିଲାସ୍ତରୀୟ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୯।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବାମପଦାସ୍ଥିତ ନୋସି ବିଜନେସ ପାର୍କଠାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୮ ତାରିଖରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏଥିରେ ଅଧକ୍ଷତା କରି ଯୁବପିଢ଼ିଙ୍କୁ ସ୍ୱରୋଜଗାରକ୍ଷମ କରିବା ଏହି ମେଳାର ପ୍ରାଥମିକ ଲକ୍ଷ୍ୟ ବୋଲି କହିଥିଲେ। ଜିଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଗତିକୃଷ୍ଣ ବେହେରା ଯୋଗଦେଇ ଏହି ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ୪୦ଟି ବେସରକାରୀ, ଘରୋଇ, ଶିଳ୍ପାନୁଷ୍ଠାନ, ନିଯୁକ୍ତିଦାତା ଯୋଗଦେଇ ପ୍ରାର୍ଥୀ ଚୟନ





ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

କରି ସିଧାସଳଖ ନିଯୁକ୍ତି ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି। ସେହିପରି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦେଇ ଦେୟମୁକ୍ତ ତାଲିମ ପାଇଁ ଚୟନ କରି ତାଲିମ ପରେ ନିଯୁକ୍ତି ପ୍ରଦାନ କରିବେ ବୋଲି ଜିଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ବୈଠକରେ ଭାରପ୍ରାପ୍ତ ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବେସରକାରୀ, ଘରୋଇ ଅନୁଷ୍ଠାନ, ଶିଳ୍ପ ଅନୁଷ୍ଠାନର ପଦାଧିକାରୀ ଉପସ୍ଥିତ ଥିଲେ।

ଏହି ନିଯୁକ୍ତି ମେଳାରେ ୧୮ରୁ ୩୫ ବର୍ଷ ମଧ୍ୟରେ ଥିବା ୫ମ ପାସ୍‌ରୁ ଊର୍ଦ୍ଧ୍ୱ, ମାଟ୍ରିକ୍, ଯୁକ୍ତ ଦୁଇ, ସ୍ନାତକ, ଆଇଟିଆଇ, ଡିପ୍ଲୋମା ପାସ୍ କରିଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ଅଂଶଗ୍ରହଣ କରିପାରିବେ। ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ପାସପୋର୍ଟ ଫଟୋ, ଆଧାର କାର୍ଡ ସହିତ ବାଲେଶ୍ୱର ଜିଲାର ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ଯୋଗଦେଇ ନିଯୁକ୍ତିର ସୁଯୋଗ ନେବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

